Strive Edge IAS Academy

1XH7N

Candidate must not write on this margin.

# ODIA LANGUAGE

# ଓଡ଼ିଆ ଭାଷା

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The figures in the right-hand margin indicate marks.*

ଖାତାର ଡ଼ାହାଣ ପଟେ ପ୍ରତ୍ୟେକ ପ୍ରଶ୍ନର ମାର୍କ ଦର୍ଶାଯାଇଛି ।

*Answer **all** questions.*

ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଅଟେ।

୧. ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ ପ୍ରାୟ **୯୦୦ (ନଅ ଶହ)** ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : ୮୦

(କ) ସାହିତ୍ୟ ଓ ଜୀବନ

(ଖ) ଚଷା ଲକ୍ଷେ ଜୀବ ପୋଷା : ପ୍ରଚାର ଓ ବାସ୍ତବତା

(ଗ) ଜାତି ଭେଦ ଓ ସାମାଜିକ ନ୍ୟାୟ

(ଘ) ଭ୍ରଷ୍ଟ ପ୍ରଶାସକ ଏକ ସାମାଜିକ ବିପଦ

୨. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ **ପାଞ୍ଚଟିର** ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : ୨×୫=୧୦

(କ) ସାପ - ଶାପ

(ଖ) ଗୁଣୀ - ଗୁଣି

(ଗ) ଚୁଡା - ଚୂଡା

(ଘ) ସୂତା - ସୁତା

(ଙ) ଶ୍ରୁତି - ସ୍ମୃତି

(ଚ) ଜୀବ - ଯିବ

(ଛ) ଦିନ - ଦୀନ

@OPSC_INTERVIEW



Strive Edge IAS Academy

Strive Edge IAS Academy

Candidate must not write on this margin.

୩. ନିମ୍ନଲିଖିତ ବିଶେଷୋକ୍ତି ଗୁଡ଼ିକରୁ ଯେକୌଣସି **ଦୁଇଟିକୁ** ପ୍ରତ୍ୟେକକୁ ୧୦୦ (ଏକ ଶହ) ଶବ୍ଦ ମଧ୍ୟରେ ବ୍ୟାଖ୍ୟା କର : ୧୦×୨=୨୦

(କ) ହାତ ଅଳସେ ନିଶ ବଙ୍କା

(ଖ) ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନକୁଟେ

(ଗ) ମୁଦି ନାହିଁ ଗୋଡ କଚାଡୁ କେତେ

(ଘ) ତାତିଲା ପାଣିରେ ଘର ପୋଡ଼େ ନାଁ

(ଙ) ଫଳନ୍ତି ଗଛ ଫୋପଡ ସହେ

୪. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟି** ରଢ଼ିକୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର : ୨×୫=୧୦

(କ) କଂସାରି ଘରର ପାରା

(ଖ) ପେଟେ ଭୋକ ମୁହେଁ ଲାଜ

(ଗ) ଆତୁରେ ନିୟମ ନାସ୍ତି

(ଘ) ଦଇବ ଦଉଡ଼ି ମଣିଷ ଗାଇ

(ଙ) ଉଧାର ସେରକ ପାଞ୍ଚ ପା

(ଚ) ବାଘ ଘରେ ମିରିଗ ନାଟ

(ଛ) ଗୋଠ ଖଣ୍ଡିଆ

@OPSC_INTERVIEW

୫. ନିମ୍ନଲିଖିତ ଯେ କୌଣସି **ପାଞ୍ଚଗୋଟିକୁ** ଏକ ପଦରେ ପ୍ରକାଶ କର : ୨×୫=୧୦

(କ) ଯେ ଗୁଣ ଗ୍ରହଣ କରିପାରେ

(ଖ) ଯେଉଁମାନେ ଆଫ୍ରିକାରେ ବାସ କରନ୍ତି

(ଗ) ସହିଷ୍ଣୁତାର ଅଭାବ

(ଘ) ହିମ ଆଟେ ଅଦ୍ରି

(ଙ) ଯେଉଁଠି ଶବ୍ଦ ନାହିଁ

(ଚ) ପାଞ୍ଚାଳ ଦେଶର କନ୍ୟା

(ଛ) ବିଶେଷ ଜ୍ଞାନ ଅଛି ଯାହାର

Strive Edge IAS Academy

Candidate must not write on this margin.

୬. ନିମ୍ନଲିଖିତ ବିଗ୍ରହ ବାକ୍ୟକୁ ସମାସ କରି ଯେକୋଣସି **ପାଞ୍ଚଟିର** ସମସ୍ତ ପଦ ଲେଖ : ୨×୫=୧୦

(କ) ଦଶଶିର ଯାହାର ସେ

(ଖ) ସେବା କରେ ଯେ ସେ

(ଗ) ତିନୋଟି ଫଳର ସମାହାର

(ଘ) ଚନ୍ଦ୍ର ପରି ମୁଖ

(ଙ) ଯେ ସାଧାରଣ ନୁହଁନ୍ତି

(ଚ) ବୁଦ୍ଧି ଅଛି ଯାହାର

(ଛ) ନଈରୁ ଧରାହୋଇଥିବା ମାଛ

୭. ନିମ୍ନଲିଖିତ ଯେକୌଣସି **ପାଞ୍ଚଟିର** ବିପରୀତାର୍ଥ ଶବ୍ଦ ଲେଖି ବାକ୍ୟ ଗଠନ କର : ୨×୫=୧୦

(କ) ଶୁଭ

(ଖ) ଶୀତଳ

(ଗ) ଜୀବନ

(ଘ) ଦୀର୍ଘ

(ଙ) ହର୍ଷ

(ଚ) ପ୍ରାକୃତିକ

(ଛ) ସମ୍ପଦ

@OPSC_INTERVIEW

୮. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ସନ୍ଧି ବିଚ୍ଛେଦ କର : ୨×୫=୧୦

(କ) ସାମାଜିକ

(ଖ) ଜଗଦୀଶ୍ୱର

(ଗ) ପୁନର୍ଜୀବନ

(ଘ) ବିକ୍ଷୋଦ୍‌ଗାର

(ଙ) ଗବେଷଣା

(ଚ) କ୍ରୋଧାନ୍ଧ

(ଛ) ସହାନୁଭୂତି

/335

Candidate must not write on this margin.

୯. ନିମ୍ନ ପରିଛେଦଟିକୁ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : ୪×୫=୨୦

ହାତୀଗୁମ୍ଫା ଅଭିଲେଖର ଚତୁର୍ଦ୍ଦଶ ପଂକ୍ତିରେ ଖାରବେଳଙ୍କୁ ଜୈନଧର୍ମର ଶ୍ରେଷ୍ଠ ପୃଷ୍ଠ ପୋଷକ ରୂପେ ବର୍ଣ୍ଣନା କରାଯାଇଛି। ଏଠାରେ ଉଲ୍ଲେଖ ଅଛିଯେ, ଯେଉଁ କୁମାରୀ ପର୍ବତରେ ଭଗବାନ ମହାବୀର ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ ସେଠାରେ ପ୍ରଜାନୁରକ୍ତ ଉପାସକ ଖାରବେଳ ରାଜତ୍ୱର ତ୍ରୟୋଦଶ ବର୍ଷରେ ଶ୍ୱେତାମ୍ବର ଜୈନମାନଙ୍କୁ ଏବଂ ଯାପାନୀୟକ ନାମକ ଦିଗମ୍ବର ଅର୍ହତ ମାନଙ୍କୁ ରାଜପୃଷ୍ଠପୋଷକତା ଅର୍ପଣ ପୂର୍ବକ ସେମାନଙ୍କ ରହିବା ପାଇଁ ଅନେକ ଗୁମ୍ଫା ଖୋଦନ କରାଇଥିଲେ। ପୁରାକାଳରେ ଯାପାନୀୟକ ଦିଗମ୍ବର ଅର୍ହତ ମାନେ ନଗ୍ନ ରହୁଥିଲେ, ମସ୍ତକକୁ ମୟୂର ପକ୍ଷୀର ପରଦ୍ୱାରା ସଜଉଥିଲେ ଏବଂ ଖାଇବା ବିଷୟରେ କେତେକ ରୀତି ନୀତି ମାନି ଚଳୁଥିଲେ। ଦ୍ୱିତୀୟ ମହିଷୀ ସିଂହପଥ ରାଣୀଙ୍କ ଅନୁରୋଧ କ୍ରମେ ବିଭିନ୍ନ ସ୍ଥାନରୁ ଆଗତ ଶ୍ରମଣ, ଯତି, ତାପସ, ଋଷି ଓ ସଂଘାୟନଙ୍କର ଆଶ୍ରୟ ପାଇଁ ଅର୍ହତ ମାନଙ୍କର ଗିରିଗୃହ ନିକଟରେ ଏକ ବିଶାଳ ବିଶ୍ରାମାଗାର ନିର୍ମାଣ କରିଥିଲେ। ବହୁ ଦୂର ଦେଶରୁ ଆନୀତ ପଇଁତିରିଶ ଲକ୍ଷ ପ୍ରସ୍ତର ଫଳକ ଦ୍ୱାରା, ସେହି ଅତୁଳନୀୟ ସୁରମ୍ୟ ପ୍ରାସାଦଟି ନିର୍ମିତ ହୋଇଥିଲା। ତାହାର ତଳଭାଗର ଚଟାଣ ପାଟଳ ବର୍ଣ୍ଣରେ ରଞ୍ଜିତ ହେବା ସଂଗେ ସଂଗେ, ସେଠାରେ ବୈଦୁର୍ଯ୍ୟ ଖଚିତ ସ୍ତମ୍ଭମାନ ଝଟକି ଉଠୁଥିଲା। ପ୍ରାସାଦର ନିର୍ମାଣ କାର୍ଯ୍ୟରେ ଏକ ଲକ୍ଷ ପାଞ୍ଚହଜାର ମୁଦ୍ରା ବ୍ୟୟିତ ହୋଇଥିବା ହାତୀଗୁମ୍ଫା ଅଭିଲେଖରେ ସୂଚିତ। ଖାରବେଳଙ୍କ ପ୍ରଥମା ମହିଷୀ, ରାଜକୁମାର ଏବଂ ବିଭିନ୍ନ ପଦାଧିକାରୀଙ୍କ ଦ୍ୱାରା ମଧ୍ୟ ଜୈନଧର୍ମ ପ୍ରତି ଥିବା ପ୍ରଗାଢ଼ ଅନୁରକ୍ତି ଓ ଏହାଙ୍କର ପୃଷ୍ଠପୋଷକତା ଉଦୟଗିରି-ଖଣ୍ଡଗିରିରେ ଉତ୍କୀର୍ଣ୍ଣ।

ଭାରତର ଧାର୍ମିକ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ଖାରବେଳଙ୍କ ଉଦାର ଧର୍ମନୀତିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେ ବ୍ରାହ୍ମଣ୍ୟ ଧର୍ମ ମଧ୍ୟ ପୃଷ୍ଠପୋଷକତା କରିଥିବାର ସ୍ପଷ୍ଟ ଦୃଷ୍ଟାନ୍ତ ରହିଛି। ହାତୀଗୁମ୍ଫା ଅଭିଲେଖ (ପଂ.୯) ଅନୁଯାୟୀ ଖାରବେଳ ମଗଧ-ବିଜୟଲବ୍ଧ ଧନ ଯେ ସମସ୍ତଙ୍କର ଗ୍ରହଣୀୟ ତାହା ପ୍ରତିପାଦିତ କରିବାନିମନ୍ତେ ବ୍ରାହ୍ମଣମାନଙ୍କୁ ମଧ୍ୟ ପ୍ରଦାନ କରିଥିଲେ। ସିଂହପଥ ରାଣୀଙ୍କ ଅନୁରୋଧ କ୍ରମେ ଯେଉଁ ବିଶାଳ ବିଶ୍ରାମଗାର ନିର୍ମିତ ହୋଇଥିଲା ତହିଁରେ ବ୍ରାହ୍ମଣ୍ୟ ଧର୍ମର ଋଷି ଓ ତାପସ ମାନେ ମଧ୍ୟ ଆଶ୍ରୟ ନେବାପାଇଁ ହାତୀଗୁମ୍ଫା ଅଭିଲେଖରେ ଉଲ୍ଲିଖିତ। ବସ୍ତୁତଃ ଉପରୋକ୍ତ ବିଶ୍ରାମାଗାର ଥିଲା ସର୍ବଧର୍ମ ସମନ୍ୱୟର ପ୍ରତୀକ। ଖାରବେଳ ବୌଦ୍ଧଧର୍ମ ପ୍ରତି ମଧ୍ୟ ଅନୁରକ୍ତି ପ୍ରକାଶ କରିଥିବାର ଅନୁମିତ ହୁଏ, କାରଣ ଏହି ସମୟରେ ବୌଦ୍ଧମାନଙ୍କ ମଧ୍ୟରେ ଯେଉଁ ଯୁଗାନ୍ତକାରୀ ଧର୍ମ ବିପ୍ଳବ ଚାଲିଥିଲା ଖାରବେଳଙ୍କ ସମସାମୟିକ କଳିଙ୍ଗ ଭୂମିରେ ତାହାର ସଫଳ ପରିଣତି ସମ୍ଭବ ହୋଇଥିଲା।

@OPSC_INTERVIEW



Strive Edge IAS Academy

Strive Edge IAS Academy

(କ) କିଏ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ?

(ଖ) ଯାପାନୀୟକ ଅର୍ହତମାନଙ୍କର ଖାଦ୍ୟ ଓ ପୋଷାକ କି ଭଳି ଥିଲା?

(ଗ) ଖାରବେଳ କେଉଁମାନଙ୍କ ପାଇଁ ଭବ୍ୟ ବିଶ୍ରାମାଗାର ନିର୍ମାଣ କରାଇଥିଲେ?

(ଘ) ଖାରବେଳଙ୍କ ଉଦାର ଧର୍ମନୀତି କି ଭଳିଥିଲା?

(ଙ) ଭାରତ ଧାର୍ମିକ ଓ ସାଂସ୍କୃତିକ ବିକାଶରେ ଖାରବେଳଙ୍କର କିପରି ଅବଦାନ ଥିଲା?

@OPSC_INTERVIEW

୧୦. ନିମ୍ନ ଲିଖିତ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : ୨୦

The word 'Paika' is derived from the Sanskrit word *Padatika* meaning the infantry. In olden days, the powerful Gangas and Gajapati rulers of Orissa extended their territory from the river Ganges in the north to Godavari in the south with the help of a vast army of valiant Paikas. They were not in the regular pay-role of the army, but received huge land-grants from the kings and the chieftains. They formed the rank of a peasant-militia. Though agriculture was their main occupation they used to keep themselves prepared by regular practice and training in war techniques. Several village groups were under the command of a 'Dala Behera' or group-commander. Most of the Paika villages of Orissa, spread all over the State have maintained the older tradition of 'Paika Akhada' — the village gymnasium, where the young assemble in the evenings after the day's work. Along with traditional physical exercises, they dance with sword and shield in hand, to the accompaniment of the country-drum.

୧୧. ନିମ୍ନ ଲିଖିତ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : ୨୫

ବିଶ୍ୱ ସାହିତ୍ୟରେ ବହୁଆତ୍ମଜୀବନୀ ଦେଖାଯାଏ। ବିଗତ ଶତାବ୍ଦୀରୁ ଆତ୍ମଚରିତ ରଚନା କରାଯିବାର ଏକ ସ୍ୱତନ୍ତ୍ର ଧାରା ସୃଷ୍ଟି ହୋଇଛି। ଏହା ଇତିହାସ ପରି କାଳକ୍ରମିକ ବିବରଣୀ ମାତ୍ର ନୁହେଁ। ଏହା ବ୍ୟକ୍ତିବିଶେଷଙ୍କର ଜୀବନର ସ୍ମରଣୀୟ ଘଟଣାବଳୀର କଳାତ୍ମକ ଗୁମ୍ଫନ। ସମକାଳୀନ ସମାଜ, ରାଜନୀତି, ଧର୍ମ, ସଂସ୍କୃତି କଳା ଓ ସାହିତ୍ୟସହିତ ସେହି ବ୍ୟକ୍ତିଙ୍କର ସଂପର୍କ ଜୀବନ ଚରିତରେ ପ୍ରକାଶ ପାଏ। ବ୍ୟକ୍ତିର ରୀତିନୀତି ଓ ରୁଚି ଆତ୍ମ ଚରିତରେ ପ୍ରକାଶିତ ହୁଏ। ଏହା ଜାତିର ଚଳନ୍ତି ଇତିହାସ। ଏଥିରେ ବ୍ୟକ୍ତିର ଆତ୍ମ ସମୀକ୍ଷା ହିଁ ମୂଳ କଥା। ଏହା ଭିତରେ ଥିବା 'ମୁଁ' ଟି ସ୍ରଷ୍ଟାର ଅନ୍ତରଙ୍ଗ ହେଲେ ହେଁ ସମାଜର ପ୍ରତ୍ୟେକ ମଣିଷକୁ ଛୁଇଁ ରହିଥାଏ।

[ P.T.O.

Strive Edge IAS Academy

Candidate must not write on this margin.

୧୨. ନିମ୍ନଲିଖିତ ପରିଚ୍ଛେଦଟିର ସାରାଂଶ ନିଜ ଭାଷାରେ ପ୍ରାୟ ଏକ ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ।

ପୃଥିବୀ ଇତିହାସରୁ ଜଣାଯାଏ ଯେ ପୃଥିବୀର ଆଦିମାନବ ଥିଲା ଯାଯାବର। ଦଳ ଦଳ ହୋଇ ପାହାଡ଼ ଜଙ୍ଗଲରେ ଏଣେ ତେଣେ ବୁଲି କେବଳ ଖାଦ୍ୟ ଅନ୍ୱେଷଣରେ ସେମାନେ ସମୟ କଟାଇ ଦେଉଥିଲେ। ବଣ ପାହାଡ଼ର ଜଙ୍ଗଲୀ ଫଳମୂଳ ସଂଗ୍ରହ ଓ ପଶୁ ପକ୍ଷୀ ଶିକାର କରି ସେମାନଙ୍କର ମାଂସ ଖାଇ 'ପେଟ ପୂରିଲେ ନାଟ ସରିଲା' ପରି ସେ ଖାଲି ଜୀବନ ବିତାଉ ଥିଲେ।

ଏ ହେଉଛି ଆଦିମାନବର ଶିକାରୀ ଜୀବନଯାପନ। ତା'ର ପରବର୍ତ୍ତୀ କ୍ରମବିକାଶ ହେଉଛି ପଶୁପାଳକ ଓ କୃଷିକାରୀ ଜୀବନ। ଏ ଜୀବନରେ ମଧ୍ୟ ସେ ଯାଯାବର ଜୀବନ ଯାପନ କରୁଥିଲା। ତା'ର ଯାଯାବର ଜୀବନ ଯାପନର ଦୁଇଟି କାରଣ ହେଉଛି ପଶୁମାନଙ୍କ ପାଇଁ ଚାରଣ ଭୂମି ଅନ୍ୱେଷଣ ଓ ନୂତନ ଜମି ନିରୂପଣ। କିନ୍ତୁ ପରବର୍ତ୍ତୀ କାଳରେ ସେମାନଙ୍କ ମଧ୍ୟରୁ ଦଳେ ସ୍ଥାୟୀ ଘର ତିଆରି କରି ସ୍ଥାୟୀ ବାସିନ୍ଦା ହୋଇ ଗଲେ। ବିଶେଷତଃ ସେହି ଧରଣର କେତେକ ଆଦିମାନବ ନଦୀ ଉପତ୍ୟକାରେ ସ୍ଥାୟୀ ବାସିନ୍ଦା ରୂପେ ଉନ୍ନତ ସାମାଜିକ ଜୀବନ ଉପଭୋଗ କରୁଥିବା ସମୟରେ ଆଉ କେତେକ ଅନୁନ୍ନତ ଅବସ୍ଥାରେ ସେହି ଯାଯାବର ଭାବରେ ରହିଗଲେ। ଏମାନଙ୍କୁ ଫଳତଃ ଆଦିବାସୀ ନାମରେ ନାମିତ କରାଗଲା। ଓଡ଼ିଶାର ଏହି ଯାଯାବର ଜାତିର ଆଦିବାସୀମାନେ ହେଉଛନ୍ତି ଓଡ଼ିଶାର ଆଦିମ ମଣିଷ।

ପ୍ରଥମେ ଓଡ଼ିଶା ପାହାଡ଼ ଜଙ୍ଗଲରେ ପୂର୍ଣ୍ଣ ଥିଲା। ଏହି ପାହାଡ଼ ଜଙ୍ଗଲରେ ଆଦିମ ମଣିଷମାନେ ଦଳ ଦଳ ହୋଇ ରହୁଥିଲେ। ଜଙ୍ଗଲରେ ରହୁଥିବାରୁ ଏମାନଙ୍କୁ ଜଙ୍ଗଲୀ ବା ବଣୁଆ ଜାତି ବୋଲି କୁହାଯାଏ। ଏଇମାନେ ହେଉଛନ୍ତି ପଥର ମଣିଷ। ଏମାନଙ୍କର ଶରୀର ଓ ମନ ପଥରରେ ଗଢ଼ା। ଏଇମାନେ ଇତିହାସର ପଥର ଯୁଗର ମଣିଷ। ଫଳରେ ଏମାନଙ୍କର ଶରୀର ଓ ମନ ପଥର ପରି ଟାଣ।

ଯାଯାବରମାନେ ଦିନଯାକ ଜଙ୍ଗଲ ଭିତରେ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରନ୍ତି। ରାତିରେ ପାହାଡ଼ ଗୁମ୍ଫା କିମ୍ବା ଗଛ କୋରଡ଼ରେ ଅବା ଗଛ ଡ଼ାଳରେ ଆଶ୍ରୟ ନିଅନ୍ତି। ଦିନପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ, ଏହିପରି ଅନେକ ବର୍ଷ ବିତିଗଲା। 'ଅଚିନ୍ତା ନାରୀ' ପରି ଖାଲି ପେଟ ପୂରା ଖାଇ ଚଳିବାରେ ଲାଗିଲେ।

ପ୍ରକୃତିର ଘାତ-ପ୍ରତିଘାତକୁ ପ୍ରଥମେ ପ୍ରଥମେ ସହିନେଲେ। କିନ୍ତୁ ଏପରି ଏକ ସମୟ ଆସିଲା, ଯାହା ଫଳରେ ସେମାନେ ପ୍ରକୃତରେ ସେହି ପ୍ରତିରୋଧକୁ ସହି ପାରିଲେ ନାହିଁ। ଏଣୁ ପ୍ରକୃତିର ଏଇ ଘାତ ପ୍ରତିଘାତ ଠାରୁ କିପରି ନିଜକୁ ନିରାପଦ ରଖିବେ ସେଥିପାଇଁ ସେମାନେ ଅନେକ ଚିନ୍ତା କଲେ। ଫଳରେ ସେମାନଙ୍କର ଚିନ୍ତା ଶକ୍ତି ବୃଦ୍ଧି ପାଇଲା। ବର୍ଷା ବା ଖରା ଦାଉରୁ ରକ୍ଷା ପାଇବା ପାଇଁ ପତ୍ର କୁଡ଼ିଆ କରି ଶିଖିଲେ। ନିଜର ଉଲଗ୍ନ ଶରୀରକୁ ଖରା ବର୍ଷା ଶୀତରୁ

@OPSC_INTERVIEW



Strive Edge IAS Academy

Strive Edge IAS Academy

Candidate must not write on this margin.

ରକ୍ଷା କରିବା ପାଇଁ ଗଛର ପତ୍ର ବା ବଲ୍କଳ ପରିଧାନ କଲେ। ପରବର୍ତ୍ତୀ ସମୟରେ କାଠ ବାଉଁଶରେ ଚାଳ ତିଆରି ଘର କରାହେଲା। ନିଆଁର ବ୍ୟବହାର ଜାଣିବା ପରେ ପଶୁପକ୍ଷୀଙ୍କ ମାଂସକୁ କଞ୍ଚା ନ ଖାଇ ସିଦ୍ଧ କରି ଖାଇଲେ।

ଫଳମୂଳ ସଂଗ୍ରହ କରୁ କରୁ ଜଙ୍ଗଲ ପୋଡ଼ି, ପାହାଡ଼ ତାଡ଼ି ଜମି ଚାଷ କରିବା ଶିଖିଲେ। ଫଳରେ 'ପୋଡୁଚାଷ'ର ସୃଷ୍ଟି ହେଲା।

ପଥୁରିଆ ଜମିରୁ ଖାଦ୍ୟ ଶସ୍ୟ ଉତ୍ପନ୍ନ କରାହେଲା। ଫଳମୂଳ ସଂଗ୍ରହ ଓ ପଶୁ ଶିକାର ସହିତ ଜମି ଚାଷ କରି ସେମାନେ ନିଜର ଅର୍ଥନୈତିକ ସମସ୍ୟା ଦୂର କଲେ। ବ୍ୟକ୍ତି ଜୀବନରୁ ଦଳଗତ ବା ଗୋଷ୍ଠୀଗତ ଜୀବନ ଆଡ଼କୁ ଆକୃଷ୍ଟ ହେଲେ! ଏଣୁ ପରିବାରରେ ରହିବାକୁ ପସନ୍ଦ କଲେ। ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏକାଠି ଦଳବଦ୍ଧ ହୋଇ ରହିବାକୁ ଲାଗିଲେ। ଏଣୁ ପାହାଡ଼ ଘେରା ଘୋର ଜଙ୍ଗଲ ଭିତରେ ଠାଏ ଠାଏ ପାହାଡ଼ୀ ଗାଁ ମୁଣ୍ଡ ଟେକିଲା। ଏହି ପାହାଡ଼ୀ ଗାଁଗୁଡ଼ିକ ହେଉଛି ଓଡ଼ିଶାର ଆଦିବାସୀ ଗାଁ।

ଆଦିବାସୀର ହୃଦୟ ନିର୍ମଳ ଓ ପଥର ପରି ଟାଣ। ପାହାଡ଼, ଜଙ୍ଗଲର ବାଘ, ଭାଲୁ ପ୍ରଭୃତି ହିଂସ୍ର ଜନ୍ତୁମାନଙ୍କୁ ସେ ଭୟ କରେ ନାହିଁ। ସେ ଭାବେ ସେ ଯେପରି ଧରିତ୍ରୀ ଦେବୀର ସନ୍ତାନ, ସେମାନେ ମଧ୍ୟ ସେଇ ଧରିତ୍ରୀର ସନ୍ତାନ। ତା' ମନରେ ଚିନ୍ତା ନ ଥାଏ କି ଦୁଃଖ ନ ଥାଏ। ସେ ସବୁବେଳେ ଖୁସୀ। ମନ ଆନନ୍ଦରେ ଗୀତ ଗାଏ। ଗୀତର ସୁରେ ସୁରେ ନାଚ ବି କରେ। ତା'ର ଏଇ ନାଚ ଗୀତ ଜଙ୍ଗଲକୁ ଥରାଇ ଦିଏ। ଯୁବକର ନାଚ ଗୀତ ଯୁବତୀକୁ ଓ ଯୁବତୀର ନାଚ ଗୀତ ଯୁବକକୁ ଆକୃଷ୍ଟ କରେ। ପରସ୍ପର ପରସ୍ପର ପ୍ରତି ପ୍ରେମାସକ୍ତ ହୋଇ ପଡ଼ନ୍ତି। ପ୍ରକୃତିର ଏଇ ଅନାବିଳ ହୃଦୟ ଦୁଇଟି ଗୋଟିଏ ପଥର ଉପରେ ବସି ଖୁସି ଗପ କରୁ କରୁ ସାଂସାରିକ ବନ୍ଧନରେ ବାନ୍ଧି ହୋଇ ପଡ଼ନ୍ତି। ସେହିମାନେ ହିଁ ଗଢ଼ି ତୋଳନ୍ତି ଭବିଷ୍ୟତ ବଂଶଧର ମାନଙ୍କୁ। ଠିକ୍ ସେମାନଙ୍କ ପରି ଭାବି-ବଂଶଧର ନିଜକୁ ଗଢ଼ି ତୋଳେ ପ୍ରକୃତିର ସରଳ ଜୀବ ରୂପରେ।

@OPSC_INTERVIEW



Strive Edge IAS Academy